ପିଲାଙ୍କ ଧରିତ୍ରୀ

ଶନିବାର ,୨୯ ଜୁଲାଇ, ୨୦୨୩



୮ ଆଇନା

୭ ଜଣା ଅଜଣା

୬ କବିତା

# ବିଶୃଙ୍ଖଳିତ ଦଣ୍ଡପାଏ



ଗପ

ସେଦିନ ବଣ ମୁଲକଟା ଅସ୍ଥିର ହୋଇପଡ଼ିଥିଲା। ପକ୍ଷୀମାନେ ଚକ୍କର କାଟି ଆକାଶରେ ଦଳ ଦଳ ହୋଇ ଉଡୁଥିଲେ। ମାଆ ଶୁଆ ଘଞ୍ଚ ବଉଳଗଛ ଡାଳରେ ବସା ବାନ୍ଧିଥିଲା। ସେହି ବସାରେ ଅଣ୍ଡାଦେଇ ଛଅଟି ଛୁଆ ଫୁଟେଇଥିଲା। ହଠାତ୍ ଏକ ହନୁମାଙ୍କଡ଼ ଡାଳକୁ ଡାଳ ଡେଇଁ ମାଆ ଶୁଆର ବସା ଭାଙ୍ଗିଦେଲା। ଫଳରେ ନିରୀହ ଛୁଆଗୁଡ଼ାକ ତଳକୁ ଖସିପଡ଼ିଲେ। ଦୈବାତ୍ ସେହି ବାଟ ଦେଇ ହାତୀପଲ ଯାଉଥିଲେ। ସେମାନଙ୍କ ପାଦତଳେ ଚାପିହୋଇ ଛୁଆଗୁଡ଼ିକ ମରିଗଲେ। ମାଆ ଶୁଆ ବିକଳ ହୋଇ ବହୁତ କାନ୍ଦିଲା ଓ ଜିଦ୍ ଧରି ବସିଲା ଯେ ହନୁମାଙ୍କଡ଼କୁ ନିଶ୍ଚୟ ଦଣ୍ଡ ଦବ।

ସମସ୍ତ ପକ୍ଷୀ ମାଆ ଶୁଆର ଦୁଃଖ ଶୁଣି କହିଲେ, ହନୁମାଙ୍କଡ଼କୁ ପାନେ ଦେବେ। ହେଲେ ବୃଦ୍ଧ ଶାଗୁଣା କହିଲା– ନା, କିଛି କରିବା ପୂର୍ବରୁ ଥରେ ରାଜାଙ୍କୁ ପଚାରିବା ଉଚିତ ହେବ। ତେଣୁ ପକ୍ଷୀମାନେ ସିଂହ ପାଖରେ ପହଞ୍ଚି ହାତୀ ଓ ମାଙ୍କଡ଼ଙ୍କ କାର୍ଯ୍ୟକଳାପ ବିଷୟରେ ଆମୂଳଚୂଳ ବଖାଣି ଗଲେ। ସିଂହରାଜା ଆଶ୍ୱାସନା ଦେଇ କହିଲେ, ତୁମେମାନେ ଯାଅ ମୁଁ ଏ ବିଷୟରେ ବୁଝୁଛି।

ପରଦିନ ରାଜା ସିଂହ ଶୃଗାଳକୁ ଡକାଇ ତାଙ୍କ ରାଜ୍ୟର ସମସ୍ତ ଜୀବଙ୍କୁ ଡାକିବାକୁ ଆଦେଶ ଦେଲେ। ଠିକ୍ ସମୟରେ ସବୁ ପଶୁ–ପକ୍ଷୀ ରାଜାଙ୍କ ଦରବାରରେ ରୁଣ୍ଡ ହେଲେ। ରାଜାଙ୍କ ସିଂହାସନ ଦୁଇପାଖରେ ବାଘ ସେନାପତି ଓ ଶୃଗାଳ ମନ୍ତ୍ରୀ ବସିଥାଆନ୍ତି। ରାଜା ସମସ୍ତଙ୍କୁ ସତର୍କ କରାଇଲେ ଯେ ପକ୍ଷୀମାନେ ଗଛଡାଳରେ ବସା ବାନ୍ଧିବେ, ସେମାନଙ୍କ ସଂସାର ବୃଦ୍ଧି କରିବା ସଙ୍ଗେ ସଙ୍ଗେ ପିଲାମାନଙ୍କୁ ଲାଳନପାଳନ କରିବେ। ସେମାନଙ୍କ ବସା ଭାଙ୍ଗିବାର କାହାର ଅଧିକାର ନାହିଁ। ତେଣୁ ମାଙ୍କଡ଼ ଓ ହାତୀ ଯାହା କରିଛନ୍ତି ତାହା ସମ୍ପୂର୍ଣ୍ଣ ଅନ୍ୟାୟ। ଏଭଳି ଆଚରଣରୁ ସେମାନେ କ୍ଷାନ୍ତ ରୁହନ୍ତୁ।

ମାଙ୍କଡ଼ ହାତଯୋଡ଼ି କହିଲା– ମଣିମା! ଡେଇଁବାଟା ମୋର ଜନ୍ମଗତ ଅଭ୍ୟାସ, ମୁଁ ଜାଣି ଜାଣି କିଛି କରିନାହିଁ। ଏହା ବ୍ୟତୀତ ମୁଁ ତ ଡେଇଁବା ଛାଡ଼ିପାରିବି ନାହିଁ। ଠିକ୍ ସେହିପରି ହାତୀ ମଧ୍ୟ କହିଲା, ସେ ଚାଲିବା ଛାଡ଼ିପାରିବ ନାହିଁ। ସେ ଦୁହେଁ ରାଜାଙ୍କ କଥାକୁ ଅବମାନନା କରି ଉଠି ଚାଲିଗଲେ।

ଗଛଡାଳରେ ବସି କଜଳପାତି ଏସବୁ ଶୁଣୁଥିଲା। ସିଂହ ରାଜାଙ୍କର ଅସହାୟତାକୁ ମର୍ମେ ମର୍ମେ ଉପଲବ୍ଧି କଲା। ସେ ସଙ୍ଗେ ସଙ୍ଗେ ପକ୍ଷୀମାନଙ୍କୁ ଡାକି ସରଗରମ ଆଲୋଚନା କଲା ଓ ଶେଷରେ ନିଷ୍ପତ୍ତି ହେଲା ମାଙ୍କଡ଼ ଓ ହାତୀଙ୍କୁ ଗୋଡ଼େଇ ଗୋଡ଼େଇ ପକ୍ଷୀମାନେ ଖୁମ୍ପିବେ, ଖଣ୍ଡିଆଖାବରା କରିବେ। ତାହା ହିଁ ହେଲା। କିଛି ଦୁଷ୍ଟ ପକ୍ଷୀ ଏ ଦୁଇଜଣଙ୍କ ସହିତ ଅନ୍ୟମାନଙ୍କୁ ମଧ୍ୟ ଖୁମ୍ପିଲେ, ସଭିଏଁ ପକ୍ଷୀମାନଙ୍କ ଭୟରେ ଏଣେତେଣେ ଧାଇଁଲେ। ଶେଷରେ ସମସ୍ତ ହାତୀ ଓ ମାଙ୍କଡ଼ ସେ ବଣ ଛାଡ଼ି ଅନ୍ୟ ବଣକୁ ଚାଲିଗଲେ। ପକ୍ଷୀମାନେ ଆଶ୍ୱସ୍ତ ହେଲେ।

ଗୋଟିଏ ସ୍ଥାନରେ ବସତି ସ୍ଥାପନ କଲେ ସମସ୍ତେ ସମସ୍ତଙ୍କ ପ୍ରତି ଯତ୍ନବାନ୍ ହେବା ଉଚିତ। ଯିଏ ଅନ୍ୟର ଅମଙ୍ଗଳ ଓ ଅନିଷ୍ଟ ଚିନ୍ତାକରେ, ଅନ୍ୟ ପ୍ରତି ବିଶୃଙ୍ଖଳିତ ଆଚରଣ କରେ, ଅନ୍ୟର ଉପଦେଶକୁ ଅବମାନନା କରେ; ସେ ସମସ୍ତଙ୍କ ଦ୍ୱାରା ଘୃଣିତ, ଲାଞ୍ଛିତ, ଅପମାନିତ ଓ ଦଣ୍ଡିତ ହୁଏ। ତାକୁ କେହି ଆଦର କରନ୍ତି ନାହିଁ। ତା'ଠାରୁ ସମସ୍ତେ ଦୂରେଇ ଯାଆନ୍ତି।

– **ଶୁଭେନ୍ଦୁ କୁମାର ମହାପାତ୍ର**
ମଙ୍ଗଳପୁର, ଯାଜପୁର
ମୋ: ୯୪୩୮୦୬୪୯୦୮

## ଖିଲି ଖିଲି ହସ

ଜଣେ ମହିଳାଙ୍କୁ ଫୋନ୍ ଆସିଲା
ବ୍ୟକ୍ତି: ମ୍ୟାଡମ୍ ଆପଣଙ୍କ ଆକାଉଣ୍ଟ ହ୍ୟାକ୍ ହୋଇଯାଇଛି।
ମହିଳା: ମୋର ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍ ହୋଇଛି କି ?
ବ୍ୟକ୍ତି: ନା,ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟ ?
ମହିଳା: ଯାହାହେଉ ଭଗବାନ୍ ରକ୍ଷା କରିଦେଲେ।

ଚିଣ୍ଟୁ: ଡାକ୍ତରବାବୁ , ବର୍ଷେ ପୂର୍ବେ ମୋତେ ଜ୍ୱର ହୋଇଥିଲା !
ଡାକ୍ତର: ତେବେ ଏବେ କ'ଣ ହେଲା ?
ଚିଣ୍ଟୁ: ଆପଣ ସେତେବେଳେ ମୋତେ ଗାଧୋଇବାକୁ ମନା କରିଥିଲେ, ମୁଁ ଏଇପଟେ ଯାଉଥିଲି ଆଉ ଆପଣଙ୍କୁ ପଚାରିବାକୁ ଆସିଲି ଏବେ ଗାଧୋଇବି କି ନାହିଁ।

ପାଗଳଖାନାରେ ରୋଗୀଟିଏ ଡାକ୍ତରଙ୍କୁ ଦେଖି ପ୍ରଶଂସା କରି କହିଲେ, ଆଗରୁ ଯେଉଁସବୁ ଡାକ୍ତର ଥିଲେ ତାଙ୍କଠୁ ଆପଣ ଟିକେ ଭଲ।
ଡାକ୍ତର ଖୁସି ହୋଇ କହିଲେ : କେମିତି ଜାଣିଲ ମୁଁ ସେମାନଙ୍କଠାରୁ ଟିକେ ଅଲଗା ବୋଲି।
ରୋଗୀ: ଆପଣ ଆମମାନଙ୍କ ପରି ଟିକେ ଟିକେ ଲାଗୁଛନ୍ତି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ମତାମତ

✪ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶ ପାଉଥିବା ଚିତ୍ରଗୁଡିକ ସୁନ୍ଦର ଲାଗୁଛି।

**–ଅନନ୍ୟା ରାଉତ, ପାରାଦୀପ, ଜଗତସିଂହପୁର**

✪ ଏହି ପୃଷ୍ଠାରେ ସ୍ଥାନିତ ପ୍ରତିଟି ସ୍ତମ୍ଭ ପିଲାମାନଙ୍କ ପାଇଁ ଶିକ୍ଷଣୀୟ ହେଉଛି।

**–ତପସ୍ୟା ଦାସ, ଯାଜପୁର**

✪ ଗତ ସପ୍ତାହରେ ପ୍ରକାଶିତ କବିତାଗୁଡିକ ଭଲ ଲାଗିଲା।

**–ଧନଞ୍ଜୟ ମହାନ୍ତି, ରାଉରକେଲା।**

ଗତ ଥରର ରଙ୍ଗ ଦିଅ





ପ୍ରତିମା ଗଉଡ
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରୁପ୍ରାରୋଡ,
କଳାହାଣ୍ଡି

# କଙ୍କଡ଼ା

**କଙ୍କଡ଼ା ସାଧାରଣତଃ ନଦୀ, ପୋଖରୀ ଓ ସମୁଦ୍ରରେ ଦେଖିବାକୁ ମିଳନ୍ତି। କିଛି କଙ୍କଡ଼ା ଉଭୟ ସ୍ଥଳ ଓ ଜଳଭାଗରେ ରହିପାରନ୍ତି। ତେବେ କଙ୍କଡ଼ା ସମ୍ପର୍କରେ ଜାଣନ୍ତୁ କିଛି ନୂଆ କଥା।**

- ବିଶ୍ୱର ସବୁ ଅଞ୍ଚଳରେ କଙ୍କଡ଼ା ଦେଖାଯାନ୍ତି। ୪,୫୦୦ରୁ ଅଧିକ ପ୍ରଜାତିର କଙ୍କଡ଼ା ଅଛନ୍ତି।
- ଡାଏନୋସର ଥିବା ସମୟରୁ କଙ୍କଡ଼ାଙ୍କ ଉତ୍ପତ୍ତି ବୋଲି କୁହାଯାଏ। କଙ୍କଡ଼ାର ୧୦ଟି ଗୋଡ଼ ଅଛି। ତେବେ ଆଗ ଗୋଡ଼ ଦୁଇଟିକୁ ସେମାନେ ହାତ ଭଳି ବ୍ୟବହାର କରିପାରନ୍ତି।
- କଙ୍କଡ଼ାର ଆଖି ଏଭଳି ଭାବେ ରହିଛି ଯେ ପାଣିରେ ମଧ୍ୟ ସେମାନେ ବେଶ୍ ସହଜରେ ଦେଖିପାରନ୍ତି। ଆଶ୍ଚର୍ଯ୍ୟର କଥା, ସେମାନଙ୍କ ଆଖିରେ ଅନେକ ଲେନ୍ସ ରହିଛି।
- କଙ୍କଡ଼ା ପିଠିରେ ଏକ ଶକ୍ତ ଖୋଳ ଭଳି ରହିଥାଏ, ଯାହା ସେମାନଙ୍କୁ ସୁରକ୍ଷା ଦେଇଥାଏ। ତେବେ ଏହି ଖୋଳକୁ ସ୍କେଲିଟନ୍ କହନ୍ତି। ଏମାନେ ଜଳରେ ପହଁରି ପାରନ୍ତି ଏବଂ ସ୍ଥଳ ଭାଗରେ ବି ଚାଲିପାରନ୍ତି।
- ବିଶ୍ୱର ବିଭିନ୍ନ ସ୍ଥାନରେ କଙ୍କଡ଼ାକୁ ଅତି ପ୍ରିୟ ଖାଦ୍ୟଭାବେ ଲୋକେ ଗ୍ରହଣ କରିଥା'ନ୍ତି।
- କଙ୍କଡ଼ା ଉଭୟ ମାଂସାହାରୀ ଏବଂ ଶାକାହାରୀ ମଧ୍ୟ। ତେବେ ଏମାନେ ଖାଦ୍ୟକୁ ଚୋବାଇ ଖାଆନ୍ତି ନାହିଁ, କାରଣ ଏମାନଙ୍କ ମୁହଁ ଅତି ନରମ। ଖାଦ୍ୟକୁ ଚୋବାଇବା ଭଳି କାମ ଏମାନଙ୍କ ପେଟ ହିଁ କରିଥାଏ।
- ମାଈ କଙ୍କଡ଼ାର ପେଟ ଗୋଲାକାର ହୋଇଥିବାବେଳେ ପୁରୁଷ କଙ୍କଡ଼ାର ପେଟ ତିନିକୋଣିଆ ହୋଇଥାଏ।
- ମାତ୍ର ୧ରୁ ୨ ସପ୍ତାହ ମଧ୍ୟରେ କଙ୍କଡ଼ା ପ୍ରଜନନ କରିଥା'ନ୍ତି ଏବଂ ଥରକେ ସେମାନେ ୨୦୦୦ଟି ଅଣ୍ଡା ମଧ୍ୟ ଦେଇପାରନ୍ତି।
- ସାଧାରଣତଃ କଙ୍କଡ଼ା ୩ ରୁ ୪ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ତେବେ ଜାପାନୀ କଙ୍କଡ଼ା ସବୁଠୁ ଅଧିକ ଦିନ ବଞ୍ଚିଥାଆନ୍ତି।
- ବେଳେବେଳେ କଙ୍କଡ଼ା ପରସ୍ପର ମଧ୍ୟରେ ଝଗଡ଼ା କରିବା ସମୟରେ ସେମାନଙ୍କ ଗୋଡ଼ ଭାଙ୍ଗିଯାଏ। କିନ୍ତୁ ବର୍ଷକ ମଧ୍ୟରେ ପୁଣି ସେମାନଙ୍କ ଗୋଡ଼ ସୃଷ୍ଟି ହୋଇ ଯାଇଥାଏ।



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ସାତଟି କଥା

**ଆଜିକାଲି ପିଲାମାନେ କେବଳ ପାଠପଢ଼ା ନୁହେଁ, ଖେଳକୁଦ, ଅଭିନୟ ଆଦି ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହେଉଛନ୍ତି। ତେବେ ଏସବୁ କ୍ଷେତ୍ରରେ ବୁଦ୍ଧିମତ୍ତାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏକ୍ଷେତ୍ରରେ ସଫଳତା ଲାଗି ନିମ୍ନୋକ୍ତ ସାତଟି ବିଷୟ ପ୍ରତି ଧ୍ୟାନ ଦେଇପାରିବେ...**

## ନୂଆ ଶିଖିବାର ଆଗ୍ରହ

ପିଲାମାନଙ୍କୁ ନୂଆ ଜିନିଷ ଆକର୍ଷିତ କରିଥାଏ। ଏସବୁ ପଛରେ କ'ଣ ରହିଛି ତାହା ଜାଣିବାକୁ ସେମାନେ ଉତ୍ସୁକତା ପ୍ରକାଶ କରିଥାଆନ୍ତି। ଏହାଦ୍ୱାରା ସେମାନଙ୍କର ଜ୍ଞାନର ବିକାଶ ଘଟିଥାଏ। ତେଣୁ ସେହି ଅନୁସାରେ ପିଲାମାନଙ୍କର ମସ୍ତିଷ୍କ ସକ୍ରିୟ ରହିବା ଦରକାର। ସେମାନଙ୍କ ମନରେ ଭଲ କଥା ବିଷୟରେ ଜାଣିବାକୁ ସୃଷ୍ଟି ହେଉଥିବା ଆଗ୍ରହକୁ ପୂରଣ କରିବା ଲାଗି ଚେଷ୍ଟା କରିବା ଦରକାର। ଏଭଳି ଆଗ୍ରହ ସେମାନଙ୍କ କ୍ୟାରିୟରକୁ ନୂଆ ମୋଡ ଦେଇଥାଏ।

## ତୁରନ୍ତ ଉତ୍ତର ଦେବା

ଆଜିକାଲି କେତେକ ପିଲାଙ୍କୁ ଯେ କୌଣସି ପ୍ରଶ୍ନ ପଚାରିଲେ ସେମାନେ ସଙ୍ଗେ ସଙ୍ଗେ ତା'ର ଉତ୍ତର ଦେଇଦିଅନ୍ତି। ଏଭଳି ପିଲାଙ୍କର ବୁଦ୍ଧିମତ୍ତା ପ୍ରଖର। ତେବେ ମସ୍ତିଷ୍କକୁ ସକ୍ରିୟ ରଖିବା ବା ପ୍ରଖର କରିବା ଲାଗି ଯୋଗ, ପ୍ରାଣାୟାମ କରିପାରିବେ।

## ପାଠ ପଢ଼ା ପ୍ରତି ଅନୁରାଗ

ପଢ଼ାପ୍ରତି ଅନୁରାଗ ରଖୁଥିବା ପିଲାଙ୍କ ମସ୍ତିଷ୍କ ବି ବହୁତ ପ୍ରଖର ହୋଇଥାଏ। ଏମିତିରେ ପିଲା ସବୁବେଳେ ନୂଆ ନୂଆ ବିଷୟରେ ଜାଣିବାକୁ ଚାହିଁଥାନ୍ତି। ଯାହା ଦ୍ୱାରା ମସ୍ତିଷ୍କ ପ୍ରଖର ରହିଥାଏ। ପାଠପ୍ରତି ଅନୁରାଗ ସୃଷ୍ଟି ଲାଗି ପିଲାଙ୍କୁ ଉତ୍ସାହିତ କରିବା ଆବଶ୍ୟକ।

## ପଜଲ୍ ସଲ୍ଭ କରିବା

ପଜଲ ହେଉଛି ବୁଦ୍ଧିର ଖେଳ। କିଛି ପିଲା ପଜଲ ଆଦି କରିବାକୁ ବେଶ୍ ପସନ୍ଦ କରନ୍ତି। ଏମିତିରେ ଜଲ୍‌ଦି ସଲଭ କରୁଥିବା ପିଲାଙ୍କ ମସ୍ତିଷ୍କ ମଧ୍ୟ ବହୁତ ପ୍ରଖର ହୋଇଥାଏ। ତେବେ ପିଲାଙ୍କୁ ନୂଆ ନୂଆ ପଜଲକୁ ସଲ୍‌ଭ କରାଇବାରେ ଉତ୍ସାହିତ କରନ୍ତୁ। ଯେପରି ଏଦିଗରେ ତାଙ୍କର ଆଗ୍ରହ ବଢ଼ିବ।

## ପାରଦର୍ଶିତା

ବର୍ତ୍ତମାନ ଅନେକ ପିଲା ପାଠ ପଢ଼ା ବ୍ୟତୀତ ଖେଳକୁଦ, ଚିତ୍ରାଙ୍କନ, ଅଭିନୟ, ଗୀତ ଗାଇବା, ବିଭିନ୍ନ ପ୍ରକାର ପ୍ରକଳ୍ପ ତିଆରି କରିବାରେ ନିଜକୁ ନିୟୋଜିତ ରଖୁଛନ୍ତି। ଏହାଦ୍ୱାରା ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ପାରଦର୍ଶିତାର ପରିଚୟ ମିଳିଥାଏ। ତେବେ ପିଲାଙ୍କ ରୁଚିକୁ ଦେଖି ସେମାନଙ୍କୁ ଉତ୍ସାହିତ କଲେ ସେମାନଙ୍କ ପ୍ରତିଭାର ପରିପ୍ରକାଶ ଘଟିବ। ଏହାକୁ ପାଥେୟ କରି ସେମାନେ ଭବିଷ୍ୟରେ ନିଜର କ୍ୟାରିୟର ବି ଗଢ଼ିପାରିବେ।



## ଆଳସ୍ୟ

ଆଳସ୍ୟ ପିଲାମାନଙ୍କର ମାନସିକତାକୁ ନକରାତ୍ମକ ଦିଗକୁ ଟାଣି ନେଇଥାଏ। ଫଳରେ ସେମାନଙ୍କର ବୁଦ୍ଧିମତ୍ତାର ବିକାଶ ଠିକ୍ ଭାବରେ ହୋଇପାରେ ନାହିଁ। ତେଣୁ ଏଭଳି ଅଭ୍ୟାସକୁ ପରିତ୍ୟାଗ କରିବା ଦରକାର। ଏଥିଲାଗି ଖେଳକୁଦ କରିବା ଜରୁରୀ। ସବୁବେଳେ ଚଳଚଞ୍ଚଳ ରହିବା ଦ୍ୱାରା ମନ ପ୍ରଫୁଲ୍ଲ ରହେ, ଯାହାଦ୍ୱାରା ନିଜ କାମକୁ ସେମାନେ ସହଜରେ ଶେଷ କରିଥାଆନ୍ତି।

## ସାବଧାନତା

ପିଲାମାନେ କୌଣସି କାର୍ଯ୍ୟ ସମୟରେ ସାବଧାନତା ଅବଲମ୍ବନ କରିବା ଦରକାର। କାରଣ ପାଠ ପଢ଼ା ହେଉ ଅବା ନିଜର ଅନ୍ତର୍ନିହିତ ଗୁଣର ବିକାଶ ସବୁଥିରେ ଯୋଜନାବଦ୍ଧ ଭାବେ ଆଗେଇବା ଆବଶ୍ୟକ। କୌଣସି କାର୍ଯ୍ୟ ସମ୍ପାଦନା ପୂର୍ବରୁ ନିଜେ କିଛି ସମୟ ଚିନ୍ତା କରନ୍ତୁ। ଯଦି ତାହାକୁ ତୁଲାଇ ପାରୁନାହାନ୍ତି ତେବେ ଅନ୍ୟ କାହାର ସହାୟତା ନ ନେଇ ଉପଦେଶକୁ ପାଳନ କରନ୍ତୁ । ସାବଧାନତା ସହ କାମ ନ କଲେ ତାହା ପରବର୍ତ୍ତୀ ସମୟରେ ଘଟଣାକୁ ଜଟିଳ କରିଦେଇଥାଏ।





୧


୨





୩


୮


୪


୫


୬


୭


୧
**ପ୍ରେମାନନ୍ଦ ପ୍ରଧାନ**
କ୍ଲାସ- ୭, ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର, ପାଲୁର ଜଙ୍କଶନ, ଗଞ୍ଜାମ


୨
**ଶିବ ଶଙ୍କର ବିଶୋଇ**
କ୍ଲାସ- ୭, ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁପଦର, ଗଞ୍ଜାମ


୩
**ସୁଭଶ୍ରୀ ପ୍ରିୟଦର୍ଶିନୀ ମହାନ୍ତି**
କ୍ଲାସ- ୮, ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ମହାବୀରନଗର, ଭୁବନେଶ୍ୱର


୪
**ପ୍ରତୀକ୍ଷା ମହାପାତ୍ର**
କ୍ଲାସ- ୬, କେନ୍ଦ୍ରୀୟ ବିଦ୍ୟାଳୟ, ଜଗତସିଂହପୁର


୫
**ଆଦିତ୍ୟ ନାରାୟଣ ସାହୁ**
କ୍ଲାସ-୨, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ


୬
**ସାଦ୍ୟାନ୍ତ ଶତପଥୀ**
କ୍ଲାସ-୫, ମଦର୍ସ ପବ୍ଲିକ ସ୍କୁଲ, ପୁରୀ


୭
**ଶିବାଂଶୀ ଦାଶ**
କ୍ଲାସ- ୧, ସେଣ୍ଟ ଜୋଶେଫ ଗାର୍ଲସ ହାଇସ୍କୁଲ, କଟକ


୮
**ଈଶାନି ସାଇ ଶର୍ମା**
କ୍ଲାସ-୪, ନିଉ ଡି ପଲ୍ ସ୍କୁଲ, ବ୍ରହ୍ମପୁର



# କବିତା

## ବରଷା ଆସିଛି ବୋଲି

ବରଷା ଆସିଲା ଧରଣୀ ହସିଲା
ହସିଲା କୃଷକ ଭାଇ,
ସାରୁପତ୍ର ମୂଳେ ବେଙ୍ଗୁଲୀ ରାବିଲା
ବରଷାରେ ଡେଇଁ ଡେଇଁ।
ସବୁଜ ଶାଢ଼ିଟି ସଜେଇ ପିନ୍ଧିଛି
ପୃଥିବୀ ମାଆଟି ମୋର,
ନାଲି ଗୁଲୁଗୁଲୁ ସାଧବବୋହୂଟି
ବାହାରିଛି ବାପଘର।
ଗାଁଆ ଦାଣ୍ଡରେ ବରଷାର ସୁଅ
ଦେଖିବାକୁ ଭାରି ମଜା,
ଚା' ପିଉ ପିଉ ପିଣ୍ଡାରେ ବସେଇ
ଗପ କହୁଥିବେ ଅଜା।
ଗରମ ପକୁଡ଼ି, ନଡ଼ିଆ ଓ ମୁଢ଼ି
ବରଷା ପାଗକୁ ଭଲ,
ଓଳି ତଳେ ବସି କାଗଜ ଡଙ୍ଗାକୁ
ଭସେଇ ଦବାଟି ଚାଲ।
ଇନ୍ଦ୍ରଧନୁର ସାତଟି ରଙ୍ଗରେ
ଆକାଶ ଖେଳୁଛି ହୋଲି,
ମାଟିର ବାସ୍ନାରେ ମୋ ଗାଁ ମହକେ
ବରଷା ଆସିଛି ବୋଲି।

**– ଦିଲୀପ କୁମାର ତ୍ରିପାଠୀ**
ପରଜଙ୍ଗ, କୁନ୍ଦନଦେଇପୁର ଶାସନ,
ଢେଙ୍କାନାଳ
ମୋ: ୯୭୭୮୧୦୬୧୦୫

## ଝିପିଝିପି ମେଘ

ମେଘ ବରଷୁଛି ଝିପିଝିପି
କାଦୁଅରେ ଗୋଡ଼ ଖସିଯିବ ପରା
ବାଟ ଚାଲ ପାଦ ଚିପିଚିପି।
ବରଷାରେ ଭିଜି ବୁଲ ନାହିଁ
ଥଣ୍ଡା ଜ୍ୱର ହେଲେ ହଇରାଣ ହେବେ
ବାପା ମାଆ ଦିହେଁ ତୁମ ପାଇଁ।
ଖେଳିବାକୁ ଯଦି ମନ ହୁଏ
ପାଣିର ସୁଅରେ ଭସାଅ ଖୁସିରେ
କାଗଜରେ କରି ଡଙ୍ଗାଟିଏ।
ମେଘୁଆ ପାଗରେ ଘରେ ବସି
ମୁଢ଼ି ବାରମଜା ପକେଇ ପାଟିରେ
ନୂଆ ବହି ପାଠ ଦିଅ ଘୋଷି।

**– ରତ୍ନପ୍ରଭା ବାଈ**
ତାଳଚେର ଟାଉନ, ଅନୁଗୋଳ
ମୋ: ୯୩୩୭୯୭୨୭୪୯

## ବରଷା ରାଣୀ

ବରଷା ରାଣୀ ବରଷା ରାଣୀ
ବରଷା ରାଣୀ ଆସ
ତୁମରି ଲାଗି ଆରମ୍ଭ ହେବ
କ୍ଷେତରେ ଧାନ ଚାଷ।
ଝିପିରି ଝିପି ମେଘ ବରଷି
ନଈରେ ହେବ ବଢ଼ି
ଆକାଶ ଦେହେ ଖେଳି ଉଠିବ
ବିଜୁଳି ଘଡ଼ଘଡ଼ି।
ଫୁଟିବ ଫୁଲ ଫଳିବ ଫଳ
ମାଳତୀ ଚମ୍ପା ମଲ୍ଲୀ
ସବୁଜ ଦେହେ ଶାଗୁଆ କ୍ଷେତ
କିଏ ପାରିବ ଭୁଲି!
ବରଷା ରାଣୀ ତୁମରି ପାଇଁ
ସାରା ଜଗତ ହସେ
ତୁମରି ଗୁଣ ସଭିଙ୍କ ଲାଗି
କୁସୁମ ପରି ବାସେ।

**– ଜିତୁ ପ୍ରଧାନ**
ଗୋତିସାହି, ନୟାଗଡ଼
ମୋ: ୭୬୮୧୦୪୪୮୬୪

## ବେଙ୍ଗ ରାଜାର ବାହାଘର

ବେଙ୍ଗ ଆସେ ମୁଣ୍ଡେ ପଗଡ଼ି ବାନ୍ଧି
ହନୁ ମଧ୍ୟସ୍ଥିକୁ ସାଥିରେ ନେଇ
ସାରୁ ପତରରେ ବେଦି ହୋଇଛି
ପୋକସୁଙ୍ଗା ଫୁଲେ ସଜା ହୋଇଛି।
ଭୋଜିରେ ହୋଇଛି ଚିଙ୍ଗୁଡ଼ି ଘାଣ୍ଟ
ରୋଷେଇ କରିଛି ଗଧିଆ ଖଣ୍ଟ
ବରଯାତ୍ରୀମାନେ ଆସିଲେ ଧାଇଁ
ମନଇଚ୍ଛା ପେଟେ ଗଲେ ସେ ଖାଇ।
ଏକାଳେ ଆସିଲା ଘୋର ବରଷା



ବରଷାକୁ ଅବା କିଏ ଭରସା
ବରଯାତ୍ରୀ ସଙ୍ଗେ ନିଜେ ବେଙ୍ଗବର
ଉଚ୍ଚସ୍ୱରରେ କରେ କେଁ କଟର।
ଘୁଷୁରି ପ୍ରକୃତି ପଙ୍କରେ ଲୋଟେ
ମଣିଷ ପ୍ରକୃତି ମରିଲେ ତୁଟେ
କାଉ କି ତା'ର ଅଖାଦ୍ୟ ଛାଡ଼େ
ବେଙ୍ଗ କି ତାର ପ୍ରକୃତି ଛାଡ଼େ!

**– ସୁମନ ଲେଙ୍କା**
ଅଲଣା, ବଛାଳୋ, ଜଗତ୍‌ସିଂହପୁର
ମୋ: ୭୮୪୮୦୬୨୫୧୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଏଭେରେଷ୍ଟରେ କମେଡ଼ି

ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ଏଭେରେଷ୍ଟର ଶିଖରରେ ପହଞ୍ଚିବା ପାଇଁ ଅନେକେ ପ୍ରୟାସ କରନ୍ତି। ଏଥିପାଇଁ ଢେର୍ ଦିନ ଆଗରୁ ଅଭ୍ୟାସ ବି କରନ୍ତି। ହେଲେ ଏଭେରେଷ୍ଟ ଆରୋହଣ କରି ସେଠାରେ ବିଭିନ୍ନ ପ୍ରକାରର କମେଡ଼ି କରିବା କଥା ଭାବିଲେ ଅଜବ ମନେ ହୋଇପାରେ। ମାତ୍ର ଏଭଳି ଏକ କାମ କରି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମକୁ ସାମିଲ କରିଛନ୍ତି ଦୁଇ କମେଡ଼ିଆନ୍ ଏଲି ଗିବ୍‌ସନ୍ ଓ ହେଲେନ୍ ଥର୍ଣ୍ଟ।

ଏଭେରେଷ୍ଟର ବେସ୍ କ୍ୟାମ୍ପ୍‌କୁ ଯାଇ ଉଭୟ କମେଡ଼ିଆନ୍ ୩୨ ମିନିଟ୍‌ର ଏକ କାର୍ଯ୍ୟକ୍ରମ କରିଥିଲେ। ସେଠାରେ ତାଙ୍କର ଏହି କମେଡ଼ି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ମଧ୍ୟ ୩୦ ଜଣ ଉପସ୍ଥିତ ଥିଲେ। ଏଭେରେଷ୍ଟର ବେସ୍ କ୍ୟାମ୍ପ୍‌ରେ ଏଭଳି ଏକ କାର୍ଯ୍ୟକ୍ରମରେ ରେକର୍ଡ ଅନେକଙ୍କୁ ଅସ୍ୱାଭାବିକ ମନେହୋଇପାରେ, କିନ୍ତୁ ଏଲି ଓ ହେଲେନ୍ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଭଳି ଏକ ଭିନ୍ନ କାମ କରିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯାହା କିଛି ବି ଅର୍ଥ ମିଳିବ, ସେସବୁକୁ ଏକ ଦାତବ୍ୟ ଅନୁଷ୍ଠାନକୁ ଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।



## ଏଥରର



- ବରଫରେ ତିଆରି ଘରକୁ କ'ଣ କହନ୍ତି?
- ପୃଥିବୀର ସବୁଠୁ ବଡ଼ ପ୍ରାଣୀ କିଏ?
- ପ୍ରାଣୀମାନଙ୍କ ମଧ୍ୟରେ ସବୁଠୁ ଅଧିକ ଡେଙ୍ଗା କିଏ?
- ଇନ୍ଦ୍ରଧନୁର ସାତ ରଙ୍ଗ ମଧ୍ୟରୁ ସବୁଠୁ ଉପରେ କେଉଁ ରଙ୍ଗ ରହିଥାଏ?
- ବର୍ଷକ ୧୨ମାସ ମଧ୍ୟରୁ ୩୧ ଦିନିଆ ମାସ କେତୋଟି ଅଛି?

## ଗତଥରର ଉତ୍ତର



- ଇଥିଓପିଆର ଡାଲୋଲ୍
- ଆଣ୍ଟାର୍କଟିକା
- ଭାରତର ମେଘାଳୟ
- ଶ୍ରୀଚୈତନ୍ୟ
- ଗୁରୁଦ୍ୱାର

## କହିଲ ଦେଖି



ସାହୁକାର ନୋହି ଋଣ ଦିଅନ୍ତି
ଯେତେ ଶୁଝିଲେବି ଶୁଝି ନୁହଇ
କିଛି ବାକି ତହିଁ ରହି ଯେ ଥାଇ,
କେତେ ଜନମରେ ଶୁଝିବ ସେହି
ସେ କଥା ତ ମୋତେ ଜଣା ନୁହଇ।
ଭାରି ଡରଲାଗେ ଏହି ଋଣକୁ
କୁହ କେମିତି ଶୁଝିବି ତାହାକୁ,
ସାହୁକାରଟାକୁ ଦେଲେ ଚିହ୍ନାଇ
ତାଙ୍କ ପାଦ ଭିଡ଼ି ଧରିବି ମୁହିଁ।

**ଉ– ମାତା ପିତା**



ଚାରୋଟି ଗୋଡ଼କୁ ହାତ ଦୁଇଟି
ପେଟ ନାହିଁ ତା'ର ଅଛିରେ ପିଠି,
ଗୋଡ଼ ଥିଲେ ମଧ୍ୟ ଚାଲି ନ ପାରେ
କୋଳରେ ତାହାର ସଭିଙ୍କୁ ଧରେ,
କାଠ ପ୍ଲାଷ୍ଟିକ୍ ଆଉ ଲୁହା ଶରୀର
ଭିନ୍ନ ଭିନ୍ନ ରୂପ ଦେଖ ତାହାର,
ଘରଠାରୁ କାର୍ଯ୍ୟାଳୟର ଯାଏ
ଦେଖ ସବୁଠାରେ ସେ ରହିଥାଏ,
ଏମିତି କିଏ ସେ ଅଟଇ ସେହି
ଚିହ୍ନିଛ ଯଦି କେ ଦିଅରେ କହି।

**ଉ– ଚଉକି**



କାଠ ବା ଲୁହାରେ ତା'ର ଶରୀର
ଦୁଇଫାଳ ଅଟେ ମୁହଁ ତାହାର,
ପେଟରେ ତାହାର ଭାଗ ବହୁତ
ତା' ଭିତରେ ଛୋଟ ଜାଗାଟି ସେତ,
ସବୁଠାରୁ ଭଲ ଜିନିଷ ଯେତେ
ତା' ଭିତରେ ସେହି ରଖଇ ସତେ,
ବଳକା ଭାଗ ତା' ଅଛି ଯେତେକ
ଅନ୍ୟାନ୍ୟ ଜିନିଷ ତହିଁରେ ରଖି,
ପାଦ ଥାଇ ମଧ୍ୟ ସେ ଚାଲେ ନାହିଁ
ଘରକୋଣେ ଠିଆ ହୋଇଣ ଥାଇ।

**ଉ– ଆଲମାରୀ/ବିରୁଆ**

**– ଭାସ୍କର ରାଉତ**
ଦେବମାୟା ଭବନ, ଶେରଗଡ଼, ଗଞ୍ଜାମ
ମୋ: ୯୭୭୬୪୮୬୬୨୮

ଜ ଣା ଅ ଜ ଣା







ପ୍ରାଣୀମାନେ ବଞ୍ଚି ରହିବା ଲାଗି ମୁଖ୍ୟ ଆବଶ୍ୟକତା ହେଉଛି ଖାଦ୍ୟ । କିନ୍ତୁ ଏହା ବିନା କେତେକ ପ୍ରାଣୀ ମାସ ମାସ ଧରି ବଞ୍ଚିପାରନ୍ତି । ସେପରି କେତେକ ପ୍ରାଣୀଙ୍କ ସମ୍ପର୍କରେ ସୂଚନା....

# ଖାଦ୍ୟ ବିନା ଦୀର୍ଘ ଦିନ ବଞ୍ଚୁଥିବା ପ୍ରାଣୀ



**ଶାର୍କ :** ପାଣି ଭିତରେ ରହୁଥିବା ଏହି ଜୀବ ଖାଦ୍ୟ ବିନା ୮-୧୦ ସପ୍ତାହ ପର୍ଯ୍ୟନ୍ତ ଜୀବିତ ରହିପାରନ୍ତି । ଆଶ୍ଚର୍ଯ୍ୟ କଥା ହେଲା, ଏମାନେ ଯେତେ ଅଧିକ ସମୟ ଖାଦ୍ୟ ବିନା ରୁହନ୍ତି, ସେମାନଙ୍କର ଶିକାର କରିବାର କୌଶଳ ସେତେ ପ୍ରଖର ହୋଇଥାଏ ।

**ପେଙ୍ଗୁଇନ୍ :** ସାଧାରଣତଃ ଅତ୍ୟଧିକ ଥଣ୍ଡା ତାପମାତ୍ରାରେ ପେଙ୍ଗୁଇନ୍ ରହିଥାଆନ୍ତି । ଏମାନେ ୨-୪ମାସ ପର୍ଯ୍ୟନ୍ତ ଆଦୌ ଖାଦ୍ୟ ନ ଖାଇ ବଞ୍ଚିପାରନ୍ତି । ମା' ପେଙ୍ଗୁଇନ୍ ଶୂନ ଡିଗ୍ରୀ ତାପମାତ୍ରାରେ ଖାଦ୍ୟ ଅନ୍ୱେଷଣରେ ଯାଇଥାଏ । ଅନ୍ୟପକ୍ଷରେ ଅଣ୍ଡିରା ପେଙ୍ଗୁଇନ୍ ବସାରେ ରହି ଛୁଆଙ୍କୁ ଉଷୁମ ପ୍ରଦାନ କରିଥାଏ ।

**ଓଟ:** ସାଧାରଣତଃ ମରୁଭୂମିରେ ଓଟ ଦେଖାଯାଆନ୍ତି । ପାଣି ବିନା ସେମାନେ ଦୀର୍ଘ ମାସ ଧରି ବଞ୍ଚିପାରନ୍ତି । ଓଟ ଟୋପାଏ ହେଲେ ପାଣି ନ ପିଇ ପ୍ରାୟ ୪୦ ଦିନ ପର୍ଯ୍ୟନ୍ତ ରହିଯାଇପାରିବେ ।

**କୁମ୍ଭୀର:** ସବୁଠୁ ପୁରାତନ ସରୀସୃପଜାତୀୟ ପ୍ରାଣୀ କୁମ୍ଭୀର । ଏହି ଜୀବ ଖାଦ୍ୟ ବିନା ପ୍ରାୟ ୩ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରନ୍ତି । ଏମାନେ ବହୁତ ମନ୍ଥର ଗତିରେ ଯାତାୟାତ କରନ୍ତି ।

**କଇଁଛ:** ସାଧାରଣତଃ କଇଁଛର ଓଜନ ତାଙ୍କ ପ୍ରଜାତି ଅନୁଯାୟୀ ଅଲଗା ଅଲଗା ହୋଇଥାଏ । ଏମାନେ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଖାଦ୍ୟ ଏବଂ ପାଣି ବିନା ବଞ୍ଚିପାରନ୍ତି ।

**ସାପ:** ସାପଙ୍କର ଥଣ୍ଡା ଦିନରେ ହଜମ ପ୍ରକ୍ରିୟା ପ୍ରାୟ ୭୦ ପ୍ରତିଶତ କମ୍ ହୋଇଯାଏ । ଏଥିପାଇଁ ସେ ପୂରା ବର୍ଷ ବିନା ଖାଦ୍ୟରେ ବି ବଞ୍ଚିପାରିବେ ।

**ବୁଢ଼ିଆଣୀ :** ବୁଢ଼ିଆଣୀକୁ ଖାଦ୍ୟ ଲାଗି ଅପେକ୍ଷା କରିବାକୁ ପଡ଼ିଥାଏ । ବେଳବେଳେ ଏଭଳି ଅବସ୍ଥା ଦୀର୍ଘ ଦିନ ପର୍ଯ୍ୟନ୍ତ ରହିଥାଏ । ତେବେ ବୁଢ଼ିଆଣୀ ପ୍ରାୟ ୩-୪ ମାସ ପର୍ଯ୍ୟନ୍ତ ବିନା ଖାଦ୍ୟରେ ବଞ୍ଚିପାରନ୍ତି ।

**ଓଲ୍ମ:** ପାଣିର ତଳଭାଗରେ ରହୁଥିବା ପତଳା, ଭୟଙ୍କର ଜୀବ ହେଉଛି ଓଲ୍ମ । ଏମାନେ ଖାଦ୍ୟ ବିନା ପ୍ରାୟ ୧୦ବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରିବେ ।

**ବେଙ୍ଗ:** ବେଙ୍ଗ ଓଦା ମାଟି ଓ କାଦୁଅ ଜାଗାରେ ଦେଖିବାକୁ ମିଳନ୍ତି । ଏମାନେ ପ୍ରାୟ ୧୬ମାସ ପର୍ଯ୍ୟନ୍ତ ବିନା ଖାଦ୍ୟରେ ବଞ୍ଚିଥାନ୍ତି ।

**ଭାଲୁ:** ଶୀତଦିନରେ ଭାଲୁମାନେ ପ୍ରାୟ ଶୋଇ ରୁହନ୍ତି । ଏମାନେ ୧୦୦ରୁ ଅଧିକ ଦିନ ଖାଦ୍ୟ ପାନୀୟ ବିନା ବଞ୍ଚି ପାରନ୍ତି ।





# ଆଇନା



ଶିବାଂଶି ଦାଶ
୫ ବର୍ଷ, କଟକ

ରାଜେଶ୍ୱରୀ ମହାନ୍ତି
୩ ବର୍ଷ, ଭୁବନେଶ୍ୱର

